# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 April - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ମାଓ ଗତିବିଧି ସହ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କଲେ ପୁଲିସ୍ ମହାନିର୍ଦ୍ଦେଶକ
- ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ  ନିର୍ଦ୍ଦେଶନାମା ଜାରି
- ସମ୍ବଲପୁର ରେଳମଣ୍ଡଳରେ ଆଜି ଏବଂ ଆସନ୍ତାକାଲିଠାରୁ ପ୍ରାୟ ୧୦ରୁ ଅଧିକ ଟ୍ରେନ୍ ବାତିଲ୍

ଏବଂ

- ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି;  ୩୫ ଡିଗ୍ରୀ ଉପରେ ୧୧ଟି ସ୍ଥାନର ତାପମାତ୍ରା

## ସମୀକ୍ଷା

ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଆଜି ମାଲକାନଗିରି ଜିଲ୍ଲା ଗସ୍ତ କରି  ମାଓ ଗତିବିଧି ସହ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି । ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ପ୍ରଥମେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳର ଗୋରାସେତୁ ବି.ଏସ.ଏଫ କ୍ୟାମ୍ପ ଗସ୍ତ କରି ମାଓବାଦୀଙ୍କ ଗତିବିଧି ଓ ଏହାର ମୁକାବିଲା ସହ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ସଙ୍ଗେ ସଙ୍ଗେ କୁମ୍ବିଂ ଅପରେସନ ନେଇ ବି.ଏସ.ଏଫ ଓ ଏସ.ଓ.ଜି ଜବାନଙ୍କ ସହିତ ଆଲୋଚନା କରିଥିଲେ । ପରେ ମାଲକାନଗିରି ଜିଲ୍ଲା ପୋଲିସ କାର୍ଯ୍ୟାଳୟଠାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନଙ୍କ ସହ ମାଓବାଦୀ ସ୍ଥିତିର ସମୀକ୍ଷା ସହ ଆଗାମୀ ନିର୍ବାଚନ କିଭଳି ନିରପେକ୍ଷ, ମୁକ୍ତ ଓ ଅବାଧ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଆରକ୍ଷୀ ଅଧିକ୍ଷକମାନେ ମଧ୍ୟ ସେମାନଙ୍କର ପ୍ରସ୍ତୁତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏଥିସହ କେତେ ଫୋର୍ସର ଆବଶ୍ୟକତା ରହିଛି ଓ କିଭଳି ଅପରେସନ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବର୍ତମାନ ମାଓବାଦୀ କମିଟି ଦ୍ୱାରା ମାଓବାଦୀମାନଙ୍କୁ ଛତିଶଗଡ଼ ରାଜ୍ୟକୁ ସ୍ଥାନାନ୍ତରୀତ କରାଯାଇଛି। ବର୍ତମାନ ପରିସ୍ଥିତିରେ ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ ଉପସ୍ଥିତି ନାହିଁ। ତେଣୁ ମାଲକାନଗିରି ଜିଲ୍ଲାରେ କୌଣସି ପ୍ରକାରର ମାଓ କାର୍ଯ୍ୟକଳାପ ଦେଖାଯାଇନାହିଁ ବୋଲି ପୋଲିସ ମହାନିର୍ଦ୍ଦେଶକ ଅରୁଣ

କୁମାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।  କିନ୍ତୁ ମାଲକାନଗିରି ଜିଲ୍ଲା ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲାରେ ଆସନ୍ତା ଏପ୍ରିଲ ୧୯ ତାରିଖରେ ସାଧାରଣ ନିର୍ବାଚନ ଥିବା ବେଳେ ମାଲକାନଗିରି ଜିଲ୍ଲାରେ ମେ’ ୧୩ ତାରିଖରେ ଅଛି । ତେଣୁ ଏହି ସମୟ ମଧ୍ୟରେ ମାଓବାଦୀମାନେ ଓଡ଼ିଶାକୁ ଆସିବାକୁ ପ୍ରଚେଷ୍ଟା କରିପାରନ୍ତି । ତେଣୁ ମାଓବାଦୀଙ୍କୁ ପ୍ରତିହତ କରିବାକୁ ଅପରେସନ ଜାରୀ ରଖାଯିବ ବୋଲି ସେ କହିଛନ୍ତି ।

## ଶ୍ରମିକଙ୍କୁ କାମ କରାଇଲେ ମିଳିବ ଦଣ୍ଡ

ରାଜ୍ୟରେ ଆଜିଠାରୁ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇଥିବାରୁ ରାଜ୍ୟ ସରକାର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରବଳ ଖରାରେ ଶ୍ରମିକଙ୍କୁ କାମ କରାଇଲେ ଦଣ୍ଡ ମିଳିବ । ଏ ନେଇ ଏସ୍ଆରସିଙ୍କ ପକ୍ଷରୁ ସବୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଦିନ ୧୧ଟାରୁ ୩ଟା ଭିତରେ ବାହାରେ ଶ୍ରମିକମାନଙ୍କୁ କାମରେ ନିୟୋଜିତ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ଅବମାନନା ହେଲେ ସଂପୃକ୍ତ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ଆରସି କହିଛନ୍ତି ।

## ରବି ଧାନ ସଂଗ୍ରହ

ରାଜ୍ୟରେ ଆଜିଠାରୁ କେତେକ ଜିଲ୍ଲାରେ ରବିଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାରେ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମେ' ୨୦ ତାରିଖରୁ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା, ବିଜୁଳି, ତାର୍ପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେସିନ୍ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧିନ ମକଦ୍ଦମା, ମୋଟର ଯାନ ଜନିତ ଦୁର୍ଘଟଣା, ଶ୍ରମବିବାଦ ଓ ଜମି ଅଧିଗ୍ରହଣ ଭଳି ବିଭିନ୍ନ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ ବୋଲି ଜଣାପଡିଛି।

## ବାର ଆସୋସିଏସନ ନିର୍ବାଚନ

ସମ୍ବଲପୁର ବାର୍ ଆସୋସିଏସନର ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଛି। ଏଥିରେ ପ୍ରବୀଣ ସିଂ ଦେଓ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି।

## ଶୁଭ ଖୁଣ୍ଟି ସ୍ଥାପନ

କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ଆରାଧ୍ୟ ଠାକୁରାଣୀ ମା ନାରାୟଣୀଙ୍କର ଚଳିତ ବର୍ଷ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ଶୁଭ ଖୁଣ୍ଟି ସ୍ଥାପନ ହୋଇ ସାରିଛି। ରାଜା ରାଜୁଡା ସମୟରୁ ପାଳନ ହେଉଥିବା ପ୍ରଥା ଓ ପରମ୍ପରା ଅନୁସାରେ, ପ୍ରଥମେ ପେଞ୍ଜିସାହି ନବୀନ କହଁର ଙ୍କର ବାଡ଼ିରୁ ଏକ ବାଉଁଶ ଖୁଣ୍ଟି ଛେଦନ ହୋଇ ପୂଜା ହୋଇଥାଏ ଓ ପରେ ସହର ପରିକ୍ରମା ହୋଇ ଥାଏ। ଶ୍ରୀରାମ ମନ୍ଦିର ଯାତ୍ରା ପଡିଆରେ ଏହାକୁ ସ୍ଥାପନ କରାଯାଇଛି। ଆସନ୍ତା ମେ ମାସ ୧୦ତାରିଖରୁ ଯାତ୍ରା ଆରମ୍ଭ ହୋଇ ଏକ ମାସ ବ୍ୟାପି ଯାତ୍ରା ଅନୁଷ୍ଠିତ ହେବ। ପ୍ରତି ଦୁଇ ବର୍ଷରେ ଥରେ ନାରାୟଣୀଙ୍କ ଯାତ୍ରା ଅନୁଷ୍ଠିତ ହେଇଥିବା ବେଳେ, ଓଡ଼ିଶାର ବିଭିନ ଜିଲ୍ଲାର ଆଦିବାସୀ ସାମ୍ପ୍ରଦାୟର ଲୋକମାନେ ଏହି ଯାତ୍ରା ରେ ସାମିଲ ହୋଇଥାନ୍ତି।

## ଫ୍ଲାଗ୍‌ମାର୍ଚ୍ଚ-ରାମନବମୀ

ଭଦ୍ରକରେ ରାମନବମୀ ପାଳନ ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡପଲ୍ଲୀ କହିଛନ୍ତି, ସୁରକ୍ଷା ବ୍ୟବସ୍ଥା ପାଇଁ ୩୭ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ମୁତୟନ କରାଯିବ। ଏହି ଅବସରରେ ଆଜି ଭଦ୍ରକର ଗାନ୍ଧିପଡିଆରୁ ଏକ ମହିଳା କଳସ ଯାତ୍ରା ଗ୍ରାମ ପରିକ୍ରମା କରିଛି।

## ଟ୍ରେନ୍ ବାତିଲ୍

ସମ୍ବଲପୁର ରେଳମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲୁ ରହିଥିବାରୁ କେତେକ ରୁଟ୍‌ରେ ରେଳ ଚଳାଚଳକୁ ବାତିଲ କରାଯାଇଛି। ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୮ଟି ଟ୍ରେନ୍‌ର ଚଳାଚଳକୁ ବିଭିନ୍ନ ଦିନରେ ବାତିଲ କରାଯାଇଛି। ରାୟପୁର-ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍, ବିଶାଖାପାଟଣା-ଭବାନୀପାଟଣା ପାସେଞ୍ଜର ଟ୍ରେନ୍, ସମ୍ବଲପୁର-ଜୁନାଗଡ଼ ରୋଡ ପାସେଞ୍ଜର ଟ୍ରେନ୍, ରାୟପୁର-ଜୁନାଗଡ଼ ରୋଡ ପାସେଞ୍ଜର ଟ୍ରେନ୍ ଏବଂ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍‌କୁ ଆଜିଠାରୁ ୨୪ ତାରିଖ ଯାଏ ବାତିଲ କରାଯାଇଛି। ସେହିପରି ଭବାନୀପାଟଣା-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍, ଜୁନାଗଡ଼ ରୋଡ-ସମ୍ବଲପୁର ପାସେଞ୍ଜର ଟ୍ରେନ୍ ଏବଂ ଜୁନାଗଡ଼ ରୋଡ-ରାୟପୁର ପାସେଞ୍ଜର ଟ୍ରେନ୍‌କୁ ଆସନ୍ତାକାଲିଠାରୁ ୨୫ ତାରିଖ ଯାଏଁ ବାତିଲ କରାଯିବା ନେଇ ସମ୍ବଲପୁର ରେଳମଣ୍ଡଳ ସୂଚନା ଦେଇଛି।

## ତାପମାତ୍ରା

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଜି ଦିନ ୨ଟା ୩୦ ସୁଦ୍ଧା ରାଜ୍ୟର ୧୧ଟି ସ୍ଥାନରେ ତାପମାତ୍ରା ୩୫ ଡ଼ିଗ୍ରୀ ଉପରେ ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଦିନ ୨ଟା ୩୦ ସୁଦ୍ଧା ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୧ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ସେହିପରି ଚାନ୍ଦବାଲିରେ ୪୧.୧, ଝାରସୁଗୁଡ଼ାରେ ୪୧, ବାଲେଶ୍ୱରରେ ୪୦, ହୀରାକୁଦରେ ୩୯.୫ ଡ଼ିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ଼ କରାଯାଇଛି। ରାଜ୍ୟରେ ଗ୍ରୀଷ୍ମପ୍ରବାହର ସ୍ଥିତି ନେଇ ଆମେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଉମାଶଙ୍କର ଦାସଙ୍କୁ ପଚାରିଥିଲୁ। ସେ କହିଛନ୍ତି,

**- V/O –**

************************************